ତା.୦୫.୦୬.୧୪ରିଖ ଅପରାହ୍ନ ୫.୩୦ ଘଟିକା ସମୟରେ ସଦର କାର୍ଯ୍ୟାଳୟ ସଭାଗୃହରେ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଛତିଶା ନିଯୋଗ ବୈଠକର ବିବରଣୀ :

ଉପସ୍ଥିତ : ସଂଲଗ୍ନ ତାଲିକା ମୁତାବକ ।

ବୈଠକ ଆରମ୍ଭରେ ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇ ମୁଖ୍ୟ ପ୍ରଶାସକ କହିଲେ ଯେ, ଆସନ୍ତା ତା.୧୩.୦୬.୧୪ରିଖରେ ସ୍ନାନ ପୂର୍ଣ୍ଣିମା ଓ ତା.୨୯.୦୬.୧୪ରିଖ ଠାରୁ ଶ୍ରୀଜୀଉଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ । ଏଥିପାଇଁ ଆବଶ୍ୟକ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି, ଗତ ତା.୨୭.୦୪.୧୪ରିଖରେ ଅନୁଷ୍ଠିତ ହୋଇଥିବା ଛତିଶା ନିଯୋଗ ବୈଠକର ବିବରଣୀ ପଠନ ଓ ଦୃଢୀକରଣ କରାଯିବା ପରେ ଆସନ୍ତା ସ୍ନାନଯାତ୍ରା ଓ ରଥଯାତ୍ରାର ନୀତି ନିର୍ଘଣ୍ଟ ଆଲୋଚନା କରାଯିବ ।

ଗତ ତା.୨୭.୦୪.୧୪ରିଖର ଛତିଶା ନିଯୋଗ ବୈଠକର ବିବରଣୀ ପଠନ ପୂର୍ବକ ଦୃଢୀକରଣ କରାଗଲା ।

ମୁଖ୍ୟ ପ୍ରଶାସକ କହିଲେ ଯେ, ସ୍ନାନ ଓ ରଥଯାତ୍ରା ସୁଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ କରିବାପାଇଁ କେତେକ ନିଯୋଗଙ୍କ ସହିତ ଆଲୋଚନା କରାଯାଇଛି । ଗତ ତା.୦୩.୦୬.୧୪ରିଖ ଦିନ ମଧ୍ୟ ଦଇତାପତି ନିଯୋଗଙ୍କ ସହିତ ଏହା ଆଲୋଚନା କରାଯାଇଛି । ସମସ୍ତ ନିଯୋଗ ସ୍ନାନ ଓ ରଥଯାତ୍ରା ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ କରିବାପାଇଁ ଅକୁଣ୍ଠ ସହଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ମୁଖ୍ୟ ପ୍ରଶାସକ କହିଲେ ଯେ, ଆସନ୍ତା ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ପରମ୍ପରା ପ୍ରକାରେ ଅଗ୍ରଗତି କରୁଅଛି । ଏହା ଯଥାସମୟରେ ଶେଷ ହେବ । ରଥଯାତ୍ରା ଶୃଙ୍ଖଳିତ ଭାବେ ସମାପନ କରିବାପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଉଅଛି । ଏହା ଗତ ତା.୦୮.୦୫.୧୪ରିଖରେ ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ଆଲୋଚନା କରାଯାଇଛି । ଆସନ୍ତା ତା.୧୦.୦୬.୧୪ରିଖରେ ଦ୍ୱିତୀୟ ରଥଯାତ୍ରା ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇ ରଥଯାତ୍ରା ପାଇଁ ହେଉଥିବା ପ୍ରସ୍ତୁତ କାର୍ଯ୍ୟର ସମୀକ୍ଷା କରାଯିବ ।

**ସ୍ନାନ ଓ ରଥଯାତ୍ରା ନୀତି ନିର୍ଘଣ୍ଟ**

ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶରେ ଆସନ୍ତା ସ୍ନାନଯାତ୍ରା, ସ୍ନାନଯାତ୍ରା ବ୍ୟବସ୍ଥାବଳୀ ଓ ରଥଯାତ୍ରାର ନୀତି ନିର୍ଘଣ୍ଟ ବିଶଦଭାବେ ଆଲୋଚନା କରାଯାଇ ଶ୍ରୀଗୁଣ୍ଡିଚା, ସଂଧ୍ୟାଦର୍ଶନ ଓ ବାହୁଡାଯାତ୍ରା ଇତ୍ୟାଦି ନୀତି ନିର୍ଘଣ୍ଟରେ ସୂଚିତ କେତେକ ସମୟ ସାମାନ୍ୟ ସଂଶୋଧନ କରାଯାଇ ଗୃହୀତ ହେବାସହ ପରିଚାଳନା କମିଟିଙ୍କ ଅନୁମୋଦନ ପାଇଁ ସୁପାରିଶ କରାଗଲା ।

ଏହି ପ୍ରସଙ୍ଗରେ ମୁଖ୍ୟ ପ୍ରଶାସକ କହିଲେ ଯେ, ଗତବର୍ଷ ରଥଯାତ୍ରାରେ ଅନୁଭୂତ ହୋଇଥିବା କେତେକ ଅସୁବିଧା ଚଳିତବର୍ଷ ରଥଯାତ୍ରାରେ ଦୂର କରିବାପାଇଁ ଦୃଷ୍ଟି ଦିଆଯିବ । ବିଗତ କେତେବର୍ଷ ହେବ ସେନାପଟା ଲାଗି ସମୟରେ କେତେକ ବାହାର ଲୋକ ଶ୍ରୀମନ୍ଦିରକୁ ପ୍ରବେଶ କରୁଥିବାର ଦୃଷ୍ଟିଗୋଚର ହୋଇଥିଲା । ତାହା ଏ ବର୍ଷ ଯେପରି ନହୁଏ ସେଥିପ୍ରତି ଧ୍ୟାନ ଦିଆଯିବ । କେବଳ ସେବକ ଓ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କେହି ଏହି ନିଷିଦ୍ଧ ସମୟରେ ମନ୍ଦିର ଭିତରେ

ପ୍ରବେଶ କରିପାରିବେ ନାହିଁ । ଏଥିପାଇଁ ଆବଶ୍ୟକ ହେଲେ ସିଂହଦ୍ୱାର ଛଡା ଅନ୍ୟ ୩ ଦ୍ୱାର ବନ୍ଦ ରଖାଯାଇ ପ୍ରବେଶ କଟକଣା ଜାରୀ କରାଯିବ ।

ବିଅଁ ରଥ ଉପରକୁ ଯିବା ପୂର୍ବରୁ ଅନେକ ଲୋକ ରଥ ଉପରେ ରହି ଅଯଥା ଗହଳି ସୃଷ୍ଟି କରୁଛନ୍ତି । ଏମାନଙ୍କୁ ବାହାର କରାଯିବାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କଲେ ।

ଚଳିତବର୍ଷ ନବଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚା ଦିନ ମଧ୍ୟରେ ଉଭା ନାହିଁ । ତେଣୁ ସମୟାନୁସାରେ ନୀତ ତ୍ୱରାନ୍ୱିତ ନହେଲେ ରଥଯାତ୍ରା ବିଳମ୍ୱିତ ହେବ । ଏହାକୁ ଦୃଷ୍ଟିରେ ରଖି ନୀତି ସମାପନ କରିବାକୁ ମୁଖ୍ୟ ପ୍ରଶାସକ ସମସ୍ତ ନିଯୋଗଙ୍କର ପୂର୍ଣ୍ଣ ସହଯୋଗ କାମନା କଲେ ।

ଏ ବର୍ଷ ଗତବର୍ଷ ପ୍ରକାରେ ବାହୁଡା ପରଦିନ ରଥ ଉପରେ ସୁନାବେଶ ଅନୁଷ୍ଠିତ ହେବ । ତେଣୁ ସଂଧ୍ୟାଦର୍ଶନ ଦିନ ଠାରୁ ନୀତି ତ୍ୱରାନ୍ୱିତ କରାଯିବ ବୋଲି ସଭାରେ ମତପ୍ରକାଶ ପାଇଲା । ସଂଧ୍ୟାଦର୍ଶନ ଦିନ ସଂଧ୍ୟା ୭.୦୦ ମି. ରେ ଦର୍ଶନ ବନ୍ଦ କରାଯାଇ ଶ୍ରୀଗୁଣ୍ଡିଚା ମନ୍ଦିର ଶୋଧ ଆରମ୍ଭ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କଲେ । ବାହୁଡାଦିନ ଶୀଘ୍ର ପହଣ୍ଡି କରାଯାଇ ରଥଟଣା ହେଲେ ଯଥାସମୟରେ ଶ୍ରୀମନ୍ଦିର ସିଂହଦ୍ୱାରରେ ରଥ ପହଞ୍ଚି ପାରିବ ବୋଲି ମୁଖ୍ୟ ପ୍ରଶାସକ ଆଶା ପ୍ରକାଶ କରିଥିଲେ । ରଥଖଳାରେ ରଥ ପହଞ୍ଚିବା ବେଳକୁ ସଂଧ୍ୟା ଉପଗତ ହେଲେ ଆଲୋକର ବ୍ୟବସ୍ଥା କରାଯାଇ ସିଂହଦ୍ୱାରକୁ ରଥ ଟଣାଯିବାରେ ପ୍ରତିବନ୍ଧକ ନାହିଁ ବୋଲି ସଭା ମତପ୍ରକାଶ କରିଥିଲେ ।

ମୁଖ୍ୟ ପ୍ରଶାସକ କହିଲେ ଯେ, ଗତବର୍ଷ ନୀଳାଦ୍ରିବିଜେ ଦିନ ଶ୍ରୀମନ୍ଦିର ଭିତରେ ଓ ବାହାରେ ପ୍ରଚୁର ପରିମାଣରେ ବାଣ ଫୁଟା ଯାଇଥିଲା । ଚଳିତବର୍ଷ ଏହା ସଂପୂର୍ଣ୍ଣ ଭାବେ ନିଷିଦ୍ଧ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଲେ । ଶ୍ରୀମନ୍ଦିର, ପାର୍ଶ୍ୱ ମନ୍ଦିର ତଥା ଯାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏଥିପାଇଁ ପୋଲିସ୍ ପ୍ରଶାସନ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

ବିଗତ କିଛିବର୍ଷ ହେବ ପହଣ୍ଡି ପରେ ରଥ ଉପରେ ବେଶ ନେଇ ହେଉଥିବା ବିଳମ୍ୱ ଓ ବିଶୃଙ୍ଖଳା ଉପରେ ବୈଠକରେ ଦୃଷ୍ଟି ଆକର୍ଷଣ କରାଯିବାରେ ମୁଖ୍ୟ ପ୍ରଶାସକ କହିଲେ ଯେ, ଏଥିପାଇଁ ସଂପୃକ୍ତ ସେବକ ଓ ଅଧିକାରୀମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି । ଏହି କମିଟି ଆସନ୍ତା ରଥଯାତ୍ରା ପୂର୍ବରୁ ତହା ସମାଧାନ କରିବାପାଇଁ ପଦକ୍ଷେପ ନେବେ ।

**ଅନ୍ୟାନ୍ୟ :**

ମୁଖ୍ୟ ପ୍ରଶାସକ କହିଲେ ଯେ, ଚଳିତବର୍ଷ ବାହାର ଚନ୍ଦନ ଶୃଙ୍ଖଳାର ସହିତ ସମାପନ ହୋଇଛି । ଏଥିରେ ୧୨ ଦିନ ଦିନରେ ଦିନଚାପ ହୋଇଛି । ତେବେ ଶ୍ରୀମନ୍ଦିରରୁ ବିଅଁ ଯଥାସମୟରେ ବାହାରି ଥିଲେ ମଧ୍ୟ ପଞ୍ଚୁ ପାଣ୍ଡବଙ୍କ ମଧ୍ୟରୁ କେହି କେହି ବିଳମ୍ୱ କରିବାରୁ ସେ ଦିନ ଗୁଡିକରେ ଦିନରେ ଦିନଚାପ ହେବା ସମ୍ଭବ ହୋଇପାରିଲା ନାହିଁ । ସଭା ଏଥି ନିମନ୍ତେ ପଞ୍ଚୁ ପାଣ୍ଡବ ମନ୍ଦିର କର୍ତ୍ତୃପକ୍ଷ ଓ ସେବକମାନଙ୍କର ସହଯୋଗ କାମନା କରିଥିଲେ ।

ଗତ ତା.୦୪.୦୬.୧୪ରିଖରେ ଦିନ ଶୀତଳ ଷଷ୍ଠୀ ଅବସରରେ ନୀତି ନିର୍ଘଣ୍ଟ ଅନୁସାରେ ନୀତି ସମାପନ କରି ପୂର୍ବବର୍ଷ ପରି ରାତ୍ରରେ ପହୁଡ କରିବାକୁ ସମସ୍ତ ସେବକ ଆନ୍ତରିକ ଉଦ୍ୟମ କରିଥିଲେ ହେଁ, ଶ୍ରୀ ଜମ୍ୱେଶ୍ୱର ଦେବଙ୍କ ପାଳିଆ ସେବକ ଶ୍ରୀମନ୍ଦିରର ପାଟଯୋଶୀ ମହାପାତ୍ର ଓ ଅନ୍ୟାନ୍ୟ ସେବକମାନଙ୍କ ଅନୁରୋଧ ସତ୍ତ୍ୱେ ଶ୍ରୀ ଜମ୍ୱେଶ୍ୱରଙ୍କ ନୀତିରେ ବିଳମ୍ୱ କରି ଠାକୁରଙ୍କୁ ୨.୩୦ମି. ବିଳମ୍ୱରେ ଶ୍ରୀମନ୍ଦିରକୁ ଆଣିଥିବାରେ ଠାକୁରମାନଙ୍କର ରାତ୍ର ପହୁଡ ଅନୁଷ୍ଠିତ ହୋଇପାରିନଥିଲା ।

ଯାହାହେଉ ସେବକମାନେ କଷ୍ଟ ସ୍ୱୀକାର କରି ଶ୍ରୀମନ୍ଦିରରେ ଯଥାଶୀଘ୍ର ନୀତି ସମାପନ କରିଥିବାରୁ ମୁଖ୍ୟ ପ୍ରଶାସକ ଧନ୍ୟବାଦ ଅର୍ପଣ କରିବା ସହିତ ଶୀତଳଷଷ୍ଠୀ ଦିନ ସେବା କରିଥିବା ସେବକମାନଙ୍କୁ ଅଧିକ ଗୋଟିଏ ଲେଖାଁଏ ପାଳିଆ ପୁରସ୍କାର ଦିଆଯିବା ପାଇଁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଲେ ।

ଶୀତଳଷଷ୍ଠୀ ଦିନ ଶ୍ରୀ ଜମ୍ବେଶ୍ୱର ଦେବଙ୍କ ପାଳିଆ ସେବକ ଶ୍ରୀ ଲକ୍ଷ୍ମୀଧର ପଣ୍ଡା ଛତିଶା ନିଯୋଗ ନାୟକ ପାଟଯୋଶୀ ମହାପାତ୍ରଙ୍କୁ କରିଥିବା ଦୁର୍ବ୍ୟବହାର ଉପରେ ସଭାରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଲା । ଶ୍ରୀ ପଣ୍ଡାଙ୍କ ବିରୁଦ୍ଧରେ ତାଙ୍କର ଆଚରଣ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଣ୍ଡାଓମେଣ୍ଟ କମିସନର, ଓଡିଶାଙ୍କୁ ଏକ ପତ୍ର ଲେଖିଥିବା ମୁଖ୍ୟ ପ୍ରଶାସକ ପ୍ରକାଶ କରିଥିଲେ । ତେବେ ଶ୍ରୀ ପଣ୍ଡାଙ୍କ ଅଶାଳୀନ ବ୍ୟବହାର ଉପରେ ଶ୍ରୀ ଜମ୍ବେଶ୍ୱର ମନ୍ଦିରର ପରିଚାଳନା ଟ୍ରଷ୍ଟିଙ୍କୁ ଜଣାଇ ଦେବାପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।

ପରିଚାଳନା କମିଟିଙ୍କ ନିଷ୍ପତ୍ତି ମୁତାବକ ଶ୍ରୀ ଜମ୍ବେଶ୍ୱର ମନ୍ଦିରକୁ ଭୋଗପାଇଁ ପ୍ରଶାସନଙ୍କ ତରଫରୁ ଦୈନିକ ଚାଉଳ, ଡାଲି ଓ ଘିଅ ଯୋଗାଇ ଦେବା ଆରମ୍ଭ ହୋଇଛି । ଶ୍ରୀ ଲକ୍ଷ୍ମୀଧର ପଣ୍ଡାଙ୍କ ଏହି ଦୁର୍ବ୍ୟବହାର ପାଇଁ ତାଙ୍କ ପାଳିରେ ତାହା ଦିଆଯିବନାହିଁ ବୋଲି ସଭାରେ ନିଷ୍ପତ୍ତି ଗ୍ରହଣ କରାଗଲା ।

ଶାଢୀବନ୍ଧା କ୍ଷେତ୍ରରେ ପୋଲିସ୍ ରିପୋର୍ଟ ଦେବାରେ ଅହେତୁକ ବିଳମ୍ବ ହେଉଥିବାରୁ ଶାଢୀବନ୍ଧା ପ୍ରାର୍ଥୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ମୁଖ୍ୟ ପ୍ରଶାସକଙ୍କ ଦୃଷ୍ଟି ଆକର୍ଷଣ କରାଗଲା । ଏହାକୁ ସଂପୂର୍ଣ୍ଣ ଭାବେ ଉଠାଇ ଦେବାକୁ ସଭାରେ ଦାବୀ ଉପସ୍ଥାପନ ହେବାରେ ମୁଖ୍ୟ ପ୍ରଶାସକ କହିଲେ ଯେ, ଏଣିକି ଏ ସଂକ୍ରାନ୍ତରେ ଚିଠି ଥାନାରେ ହସ୍ତଗତ ହେବା ଦିନ ଠାରୁ ଏକମାସ ମଧ୍ୟରେ ପ୍ରଶାସନଙ୍କୁ ପୋଲିସ୍ ରିପୋର୍ଟ ନଦେଲେ ସଂପୃକ୍ତ ଶାଢୀବନ୍ଧା ପ୍ରାର୍ଥୀଙ୍କ ବିରୁଦ୍ଧରେ କୌଣସି ଗୁରୁତର ଅଭିଯୋଗ ନାହିଁ ବୋଲି ଧରି ନିଆଯିବ । ଯେଉଁ କ୍ଷେତ୍ରରେ ପାରିବାରିକ ଗଣ୍ଡଗୋଳ ତଥା ମାମୁଲି ଅପରାଧ ଜନିତ ଲଘୁ ଦଫାରେ ପୋଲିସ୍ କେଶ ହୋଇଥିବା ସେହି କ୍ଷେତ୍ରରେ ସ୍ୱତନ୍ତ୍ର ଭାବେ ବିଚାର କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କଲେ ।

ସେବକମାନଙ୍କୁ ଦିଆଯାଉଥିବା ଖୋରାକି ହାର ଶୀଘ୍ର ବୃଦ୍ଧି କରାଯିବ ବୋଲି ମୁଖ୍ୟ ପ୍ରଶାସକ ସଭାରେ ପ୍ରତିଶ୍ରୁତି ଦେଲେ ।

ସେବାୟତମାନଙ୍କ ପରିବାର ପାଇଁ ବୀମା ଉପରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନର ସୂଚନା ଦେଇ ମୁଖ୍ୟ ପ୍ରଶାସକ କହିଲେ ଯେ, ଏହି ବୀମା ଯୋଜନା ପାଇଁ ପରିଚାଳନା କମିଟି ନୀତିଗତ ଭାବେ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ପ୍ରାଥମିକସ୍ତରରେ ବୀମା କମ୍ପାନୀଙ୍କ ଠାରୁ କୋଟେସନ ମଗାଯାଇ କମ୍ପାନୀମାନଙ୍କ ସହିତ ପ୍ରଶାସନ ଆଲୋଚନା କରିଛନ୍ତି । ଏ ବାବଦରେ କେତେ ଅର୍ଥ ଖର୍ଚ୍ଚ ହେବ ତାହା ଆକଳନ କରାଯାଉଛି ଓ ସରକାରଙ୍କ ଠାରୁ ଅନୁଦାନ ଆଣିବାପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ।

ଗଞ୍ଜାମ ଜିଲ୍ଲାରେ ସେବକମାନଙ୍କର ଥିବା ଜମିଜମା ଫଇସଲା କରିବାରେ ବିଳମ୍ବ ହେଉଛି ବୋଲି ଅଭିଯୋଗ ଉପରେ ମୁଖ୍ୟ ପ୍ରଶାସକ କହିଲେ ଯେ, ବ୍ରହ୍ମପୁରରେ ଥିବା ଶ୍ରୀମନ୍ଦିର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଗଞ୍ଜାମ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଯୋଗସୂତ୍ର ରକ୍ଷାକରି ଏହା ତ୍ୱରାନ୍ୱିତ କରୁଛନ୍ତି । ଏ ବାବଦରେ ଆବଶ୍ୟକ ଯୋଗାଯୋଗ କରି ଯଥୋଚିତ ପଦକ୍ଷେପ ପ୍ରଶାସକ(ଉନ୍ନୟନ) ନେବେ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କରିଥିଲେ ।

ଶ୍ରୀମନ୍ଦିର ସିଂହଦ୍ୱାରରେ ଦଶାବତାର ମୂର୍ତ୍ତି ପୂର୍ବ ପରି ସ୍ଥାପନ କରିବାକୁ ବୈଠକରେ ଆଲୋଚନା କରାଗଲା । ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ଏହା ଉପରେ ଲିଖିତ ମତାମତ ଦେବା ପରେ ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇ ତାହା ଉପରେ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କଲେ ଓ ଚଳିତବର୍ଷ ସ୍ନାନଯାତ୍ରା ଓ ରଥଯାତ୍ରାରେ ସମସ୍ତ ନିଯୋଗଙ୍କର ଆନ୍ତରିକ ସହଯୋଗ କାମନା କଲେ ।

ସଭା ଶେଷରେ ସଭାପତି ଓ ଉପସ୍ଥିତ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ସଭାସାଙ୍ଗ କରାଗଲା ।

ମୁଖ୍ୟ ପ୍ରଶାସକ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ

ଉପପତ୍ର ସଂ : 6748 ତା. : 10.6.14

ଏହାର ନକଲ ସଂପାଦକ, ସମସ୍ତ ସେବାୟତ ନିଯୋଗ / ସମସ୍ତ ଅଧିକାରୀ / ମୁଖ୍ୟ ପ୍ରଶାସକଙ୍କ ବ୍ୟକ୍ତିଗତ ସହାୟକ/ ଜିଲ୍ଲାପାଳ,ପୁରୀ / ଅରକ୍ଷୀ ଅଧିକ୍ଷକ,ପୁରୀ/ ଶ୍ରୀମନ୍ଦିର କମାଣ୍ଡର / ଶ୍ରୀମନ୍ଦିର ସୁପରଭାଇଜର / ସମସ୍ତ ଉପବିଭାଗଙ୍କ ଅବଗତି ଓ ପରବର୍ତ୍ତୀ କାର୍ଯ୍ୟକାରୀତା ନିମନ୍ତେ ପ୍ରେରଣ କରାଗଲା ।

ସାଧାରଣ ଓ ବିବିଧ ଉପବିଭାଗକୁ ନିର୍ଦ୍ଦେଶ ଯେ ଏହାକୁ ଆସନ୍ତା ପରିଚାଳନା କମିଟି ବୈଠକ ସମକ୍ଷରେ ଉପସ୍ଥାପନ କରିବେ ।

7/6/2014

ପ୍ରଶାସକ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ